text of the time



# ଗାନ୍ଧୀଙ୍କ ସହ କପେ କଫି



ଶୈଳେନ୍ଦ୍ର ଦ୍ୱିବେଦୀ

EVENTS

# ଗାନ୍ଧୀଙ୍କ ସହିତ କପେ କଫି

ଏ ବର୍ଷ ଗାନ୍ଧୀଙ୍କ ଘର ବାହୁଡାର(ଦକ୍ଷିଣ ଆଫ୍ରିକାରୁ) ୧୦୦ ବର୍ଷ ପାଳନ କରାଯାଉଛି । ତା ସହିତ ଗାନ୍ଧୀଙ୍କ ୧୪୫ତମ ଜୟନ୍ତୀ । ଭାରତ ସରକାର ଏଇ ଅବସରରେ 'ସ୍ୱଚ୍ଛ ଭାରତ ଅଭିଯାନ' ଅକ୍ଟୋବର ୨ରୁ ଆରମ୍ଭ କରିଛନ୍ତି । ପୂର୍ବରୁ ଚାଲିଥିବା 'ନିର୍ମଳ ଭାରତ ଅଭିଯାନ'ର ପରିବର୍ଦ୍ଧିତ ତଥା ପରିବର୍ତ୍ତିତ ଚେହେରା । ଘରବାଡିଠୁ କାର୍ଯ୍ୟାଳୟ-ରାସ୍ତାଘାଟ, ସବୁ ସଫା ହେବ । ମିଶନର କାର୍ଯ୍ୟକାଳ ୨୦୧୫ରୁ ୨୦୧୯ ପର୍ଯ୍ୟନ୍ତ । ଅନ୍ୟ ଅର୍ଥରେ, ଭାରତ ଏଇ ଅବଧି ସୁଦ୍ଧା ସଂପୂର୍ଣ୍ଣ ନିର୍ମଳ ହେବ । ମିଶନ ଅଧୀନରେ ରହିଛି ଦୁଇଟି ଉପ-ଯୋଜନା: (୧) ପାନୀୟ ଜଳ ଏବଂ ପରିମଳ ବ୍ୟବସ୍ଥା (୨) ସହରାଞ୍ଚଳ ବିକାଶ । ଘରୋଇ ପାଇଖାନା ନିମନ୍ତେ ଆଗରୁ ସ୍ଥିର ହୋଇଥିବା ୧୦,୦୦୦ ଟଙ୍କା ୟୁନିଟ୍ ପିଛା ଖର୍ଚ୍ଚ ବୃଦ୍ଧି ପାଇଛି ୧୨,୦୦୦ ଟଙ୍କାକୁ । ସ୍ୱଚ୍ଛ ଭାରତ ମିଶନ ସଂପର୍କରେ ରାଜ୍ୟ ସରକାରମାନଙ୍କୁ ପଠାଯାଇଥିବା ଏକ ଚିଠା ନୋଟ୍‌ରେ ଦର୍ଶାଯାଇଛି ଯେ ୧୯୮୦ ବେଳକୁ ଦେଶରେ ଗ୍ରାମ୍ୟ ପରିମଳର ଚିତ୍ର ଏକଦମ୍ ଖରାପ ଥିଲା । ଅର୍ଥାତ୍, ଦେଶର ମୋଟ ପରିବାରର ମାତ୍ର ୧ ପ୍ରତିଶତଙ୍କ ପାଖରେ ପରିମଳ ପହଞ୍ଚିଥିଲା । ତେବେ ୨୦୧୧ ଜନଗଣନା ତଥ୍ୟ ଆଧାରରେ ଭାରତର ଜନ ସଂଖ୍ୟାର ୭୨.୨ ପ୍ରତିଶତ, (୧୬.୭୮ କୋଟି ପରିବାର) ରହୁଥିଲେ ୬ ଲକ୍ଷ ୩୮ ହଜାର ଗାଁରେ । ଏମାନଙ୍କ ଭିତରୁ ମାତ୍ର ୫.୪୮ କୋଟି ପରିବାରଙ୍କର (୩୨.୭ ପ୍ରତିଶତ) ନିଜର ପାଇଖାନା ଥିଲା । ୨୦୧୨-୧୩ ଆର୍ଥିକ ବର୍ଷରେ କରାଯାଇଥିବା ବେସ୍ ଲାଇନ୍ ସର୍ଭେ ମୁତାବକ ଏ ସଂଖ୍ୟା ବୃଦ୍ଧି ପାଇଥିଲା ୪୦.୩୫ ପ୍ରତିଶତକୁ । ତଥ୍ୟ ଅନୁଯାୟୀ, ୨୦୧୫ ରୁ

୨୦୧୯ ଭିତରେ ୮.୮୪ କୋଟି ପରିବାର ପାଇଁ ପାଇଖାନା ତିଆରି କରିବାକୁ ପଡିବ । ସାରା ଦେଶରେ ଏବେ ତିଆରି ହେଉଛି ଦୈନିକ ୧୪,୦୦୦ ପାଇଖାନା । ନିର୍ଦ୍ଦିଷ୍ଟ ସମୟ ସୁଦ୍ଧା ଲକ୍ଷ୍ୟ ହାସଲ ପାଇଁ ହେଲେ ଆମକୁ ତିଆରି କରିବାକୁ ପଡିବ ଦୈନିକ ୪୮,୦୦୦ ପାଇଖାନା । ଆଶା କରାଯାଉ, ସରକାର ଏବଂ କର୍ପୋରେଟ୍ ସହଭାଗିତାରେ ଏ କାର୍ଯ୍ୟକ୍ରମ ସଫଳ ହେବ ।

ପାଠକମାନେ ଜାଣନ୍ତି ଯେ କୌଣସି ନା କୌଣସି କାରଣରୁ ମଝିରେ ମଝିରେ ଗାନ୍ଧୀ ରୀତିମତ ଚର୍ଚ୍ଚାକୁ ଆସିଥାନ୍ତି । ସେ ବ୍ୟବହାର କରୁଥିବା ସାମଗ୍ରୀର ବିଦେଶରେ ନିଲାମ ହେଉ ବା ଗାନ୍ଧୀଙ୍କ ଛବି/ଚିତ୍ରର ଅପ-ବ୍ୟବହାର ହେଉ, ନଚେତ୍ 'ଲଗେ ରହୋ ମୁନ୍ନା ଭାଇ' ପରି ଜନପ୍ରିୟ ଚଳଚ୍ଚିତ୍ରରେ ଗାନ୍ଧୀଗିରିର ପ୍ରଭାବକୁ ନେଇ ଚର୍ଚ୍ଚା ହେଉ । ଏବେ 'ସ୍ୱଚ୍ଛ ଭାରତ ମିଶନ'ର ବିଜ୍ଞାପନରେ ଗାନ୍ଧୀଙ୍କ ଗୋଲ ଚଷମାରେ ଗୋଟିଏ ପାଖରେ 'ସ୍ୱଚ୍ଛ' ଏବଂ ଆର ପାଖରେ 'ଭାରତ' ଲେଖା ହୋଇଛି । ତଳେ ଲେଖା ଅଛି: 'ଏକ ପାଦ ସ୍ୱଚ୍ଛତା ଦିଗରେ ।' ଗାନ୍ଧୀ ବିଶ୍ୱାସ କରୁଥିଲେ ଯେ ପରିଚ୍ଛନ୍ନତା ସ୍ୱୟଂ ଈଶ୍ୱର ନ ହେଲେ ହେଁ ଈଶ୍ୱରଙ୍କ ଢ଼େର୍ ନିକଟବର୍ତ୍ତୀ । ସେ ଏକଥା ବି କହିଥିଲେ, 'ସ୍ୱାଧୀନତାଠୁ ପରିମଳ ଅଧିକ ଗୁରୁତ୍ୱପୂର୍ଣ୍ଣ ।' ତାଙ୍କ ଦକ୍ଷିଣ ଆଫ୍ରିକା ରହଣିଠୁ ଅନ୍ତିମ ଦିନ ପର୍ଯ୍ୟନ୍ତ ତମାମ ଜୀବନ ପରିମଳ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇ ରହିଥିଲା । ଗୁଜରାଟ ବିଦ୍ୟାପୀଠର କୁଳପତି ତଥା ଗାନ୍ଧୀବାଦୀ ପ୍ରଫେସର ସୁଦର୍ଶନ ଆୟାଙ୍ଗାର ନିକଟରେ ଲେଖିଛନ୍ତି ଯେ ତାଙ୍କ ମୃତ୍ୟୁର ଦିନକ ପୂର୍ବରୁ ବି ଗାନ୍ଧୀ ପରିମଳ କଥା ଉଠାଇଥିଲେ । ସେ ଚାହୁଁଥିଲେ ଯେ ଭାରତର ସ୍ୱାଧୀନତା ପରେ ଆଉ କଂଗ୍ରେସ ଦଳର ଆବଶ୍ୟକତା ରହିବ ନାହିଁ ଏବଂ ଏହାର ସ୍ଥାନ ନେବ ଲୋକ ସେବକ ସଂଘ । ସେଥି ନିମନ୍ତେ ପ୍ରସ୍ତୁତ ଚିଠା ସମ୍ବିଧାନରେ ଗାନ୍ଧୀ ଲେଖିଥିଲେ- 'ସାଧାରଣ ଲୋକଙ୍କ ପାଇଁ ଯିଏ ନିରୋଳା କର୍ମୀଟିଏ ହୋଇ କାମ କରିବ, ସେ ସବା ଆଗ ଗ୍ରାମବାସୀଙ୍କୁ ପରିମଳ ଏବଂ ସ୍ୱାସ୍ଥ୍ୟ ରକ୍ଷା କଥା ବୁଝେଇବ ।' ୧୯୨୦ରେ ଗାନ୍ଧୀ ପ୍ରତିଷ୍ଠା କରିଥିଲେ ଗୁଜରାଟ ବିଦ୍ୟାପୀଠ । ଯାର ଆଶ୍ରମ ଜୀବନର ଏକ ଅଂଶ ଥିଲା ଶିକ୍ଷକ, ଛାତ୍ର, ସ୍ୱେଚ୍ଛାସେବୀ ଏବଂ କର୍ମୀମାନେ ଆଶ୍ରମ ପରିସରଠୁ ଆରମ୍ଭ କରି ପାଇଖାନା-ସବୁ ନିଜେ ସଫା କରିବେ । ଗୁଜରାଟ ବିଦ୍ୟାପୀଠ ଗାନ୍ଧୀଙ୍କ ପ୍ରତିଷ୍ଠିତ ୨ଟି ପ୍ରମୁଖ ଅନୁଷ୍ଠାନ ଭିତରୁ ଗୋଟିଏ । ଅନ୍ୟଟି ହେଉଛି ୧୯୨୯ରେ ପ୍ରତିଷ୍ଠିତ ନବଜୀବନ ଟ୍ରଷ୍ଟ ।

ପାଠକମାନଙ୍କୁ ସ୍ମରଣ କରାଇ ଦିଏ ଯେ ଗତ ତିଛି ଦିନ ଧରି ଉଭୟ ଅନୁଷ୍ଠାନ ବେଶ୍ ଚର୍ଚ୍ଚାକୁ ଆସିଛନ୍ତି । ୨୦୧୩ରେ ନବଜୀବନ ଟ୍ରଷ୍ଟ ନେଇଥିବା ନିଷ୍ପତ୍ତି ଅନୁଯାୟୀ ଏଣିକି ପ୍ରକାଶନ ସଂସ୍ଥାର କାଇଦା କଟକଣା ବଦଳିବ । ଏ ପର୍ଯ୍ୟନ୍ତ ଇଂରାଜୀ, ହିନ୍ଦୀ ଏବଂ ଗୁଜରାଟୀ ସମେତ ଅନ୍ୟାନ୍ୟ ଭାଷାରେ ଗାନ୍ଧୀ ଏବଂ ତାଙ୍କ ଆଦର୍ଶ ଉପରେ ଆଧାରିତ ୮୦୦ରୁ ଅଧିକ ବହି ପ୍ରକାଶ କରିଥିବା ନବଜୀବନ ଟ୍ରଷ୍ଟ ଆଗକୁ ନୂଆ ଅବତାରରେ ଉଭା ହେବ । ଲାଭ କରିବା କଦାପି ଟ୍ରଷ୍ଟର ଉଦ୍ଦେଶ୍ୟ ନଥିଲା । ଏବେବି କୁଆଡେ ସେ ଉଦ୍ଦେଶ୍ୟ ନାହିଁ । ତେବେ ଅଧିକ ଆତ୍ମ ନିର୍ଭରଶୀଳ ଏବଂ ଯୁଗୋପଯୋଗୀ ହେବା ପାଇଁ ନିରୋଳା ଗାନ୍ଧୀବାଦ ବ୍ୟତୀତ ଭିନ୍ନ କିଛି କଥା କରିବା ପାଇଁ ଟ୍ରଷ୍ଟ ତା'ର ନୂତନ କାର୍ଯ୍ୟକ୍ରମ ଜାରି ରଖିବ । ଏଣିକି କେବଳ ଦର୍ଶନ, ଧର୍ମ, ଆଧ୍ୟାତ୍ମିକତା ଏବଂ ଅର୍ଥନୀତି ସଂପର୍କିତ ବହି ନୁହେଁ, ପ୍ରକାଶ ପାଇବ ଅନ୍ୟାନ୍ୟ ପୁସ୍ତକ-କଳା, ପରିଚାଳନା,ବାଣିଜ୍ୟ, ପର୍ଯ୍ୟଟନ ଇତ୍ୟାଦି ସମ୍ପର୍କରେ । ସାବରମତୀ କୂଳରେ ସନ୍ଧ୍ୟା ୫ରେ ବନ୍ଦ ହେଉଥିବା ନବଜୀବନ କାର୍ଯ୍ୟାଳୟ ଖୋଲାରହିବ ରାତି ୯ଟା ପର୍ଯ୍ୟନ୍ତ । ଯେଉଁମାନେ ଗାନ୍ଧୀଙ୍କୁ ନୂଆ ନୂଆ ଅଧ୍ୟୟନ କରୁଛନ୍ତି, ସେମାନଙ୍କ ଅଧ୍ୟୟନକୁ ଟିକିଏ ମନମତାଣିଆ କରିବା ପାଇଁ ଖୋଲିବ 'ଗାନ୍ଧୀ କାଫେ'- ଯେଉଁଠି ବହି ମିଳିବ ଏବଂ ଉଷୁମ ଉଷୁମ କଫି ସହିତ ଗାନ୍ଧୀଙ୍କୁ ଭେଦିବା ସହଜ ହେବ । ତା' ସହିତ ଖୋଲିବ ଏକ ଆର୍ଟ ଗାଲେରୀ । ତରୁଣ ଭାରତୀୟ ମାନେ ମହାତ୍ମାଙ୍କୁ ନୂଆ ବାଗରେ ଆବିଷ୍କାର କରିବାପାଇଁ ସୁଯୋଗ ପାଇବେ । ଟ୍ରଷ୍ଟ ନିକଟ ଭବିଷ୍ୟତରେ ପ୍ରସିଦ୍ଧ ଫଟୋସାମ୍ବାଦିକ ରଘୁ ରାଏଙ୍କର ଏକ କଫି ଟେବୁଲ ବହି ପ୍ରକାଶ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି, ଯାହା ପର୍ଯ୍ୟବସିତ ଗୁଜରାଟ ଉପରେ । ସଂଯୋଗକୁ ଟ୍ରଷ୍ଟର ପରିଚାଳକ ତ୍ରିଷ୍ଟି ବିବେକ ଦେଶାଇ ବୃତ୍ତିରେ ଫଟୋଗ୍ରାଫର୍ ଏବଂ ତାଙ୍କର ଧାରଣା ଯେ ନୂଆ ପିଢି ସହିତ ଗାନ୍ଧୀଙ୍କୁ ଯୋଡିବା ପାଇଁ ଏହା ଏକ ସକାରାତ୍ମକ ପଦକ୍ଷେପ । ପାଠକମାନଙ୍କ ପାଇଁ ସ୍ପଷ୍ଟ କରୁଛି ଯେ ନିକଟରେ ଟ୍ରଷ୍ଟ ପ୍ରକାଶ କରିଥିବା ଜେମସ୍ ହିଲ୍‌ଟନ୍‌ଙ୍କ ପ୍ରସିଦ୍ଧ ଉପନ୍ୟାସ 'ଲଷ୍ଟ ହୋରାଇଜନ୍'ର ଗୁଜରାଟୀ ଅନୁବାଦ ଅଭୁତ ପାଠକୀୟ ସ୍ୱୀକୃତି ହାସଲ କରିଛି । 'ଲଗେ ରହୋ ମୁନ୍ନା ଭାଇ' ମୁକ୍ତି ପାଇବା ପରେ ଖୁବ୍ କମ୍ ଦିନ ଭିତରେ ଜନପ୍ରିୟ ହୋଇ ପାରିଥିଲା । ଉଲ୍ଲେଖ ଯୋଗ୍ୟ ଯେ, ଚଳଚ୍ଚିତ୍ରର ନିର୍ଦ୍ଦେଶନା ଉଚ୍ଚ କୋଟିର ଅବଶ୍ୟ ଥିଲା, କିନ୍ତୁ ନାୟକ ମୁନ୍ନାଭାଇଙ୍କ 'ଗାନ୍ଧୀଗିରି'

ମହାତ୍ମାଙ୍କୁ ଅଣଦେଖା କରି ଚାଲିଥିବା ନବ୍ୟ ପିଢିପାଇଁ ଗାନ୍ଧୀବାଦର ନୂତନ ପରିଚୟ ଥିଲା । ଗାନ୍ଧୀ ଯେ ଆଦୌ ଜଟିଳ ନଥିଲେ ଏବଂ ଆହୁରି ଅନେକ ବର୍ଷ ପର୍ଯ୍ୟନ୍ତ ସେ ଏକଦମ୍ ପ୍ରାସଙ୍ଗିକ ହୋଇ ରହିବେ, ଏଇଟି ଫର୍ଚ୍ଚା ହୋଇ ଦିଶୁଥିଲା । ଆଶା କରାଯାଉ ଯେ ଟ୍ରଷ୍ଟର ନୂଆ ଅବତାର ଗାନ୍ଧୀଙ୍କୁ ନୂଆ ପିଢି ସହିତ ନୂଆ ବାଗରେ ଭେଟ କରାଇବ ।

ତେବେ ନବଜୀବନ ଟ୍ରଷ୍ଟ ଏବଂ ଗୁଜରାଟ ବିଦ୍ୟାପୀଠ ଏବେ ମୁହାଁମୁହିଁ ହୋଇଛନ୍ତି ଗାନ୍ଧୀଙ୍କ ଭଗବତ୍ ଗୀତା ପୁସ୍ତକର ପୁନଃ ପ୍ରକାଶନ ଉପରେ । ମହାତ୍ମାଙ୍କ ଅନ୍ୟାନ୍ୟ କୃତି ପରି ଏ ବହିର ସ୍ୱତ୍ୱାଧିକାର ନ୍ୟସ୍ତ ରହିଛି ଟ୍ରଷ୍ଟ ଉପରେ । କିନ୍ତୁ ପୁରୁଣା ବହିର ଛବିରେ ଅର୍ଜୁନ ଏବଂ ଶଙ୍ଖ ଚକ୍ର ଧରିଥିବା କୃଷ୍ଣଙ୍କ ଚିତ୍ର ନଥିଲେ ହେଁ ନୂତନ ଭାବେ ପ୍ରକାଶିତ ବହିର ପ୍ରଚ୍ଛଦରେ ଏମିତି ଛବି ରହିଛି । ନିକଟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏଇ ଗୀତା ଉପହାର ଦେଇଛନ୍ତି ଯୁକ୍ତରାଷ୍ଟ୍ରର ରାଷ୍ଟ୍ରପତି ଶ୍ରୀ ଓବାମାଙ୍କୁ । ପ୍ରଚ୍ଛଦ ଉପରେ ପ୍ରତିକ୍ରିୟା ପ୍ରକାଶ କରି ବିଦ୍ୟାପୀଠର କୁଳପତି ଶ୍ରୀ ଆୟାଙ୍ଗାର କହିଛନ୍ତି ଯେ ଏମିତି ପ୍ରକାଶନ ମୂଳ ଗାନ୍ଧୀ ଦର୍ଶନର ବିରୋଧୀ । ଗାନ୍ଧୀଙ୍କ ପାଇଁ ଗୀତା ଆତ୍ମ ସଂଶୋଧନ ଏବଂ ଆତ୍ମ ଶୃଙ୍ଖଳାର ଅମୋଘ ଅସ୍ତ୍ର ଥିଲା, କିନ୍ତୁ ପୁସ୍ତକର ପ୍ରଚ୍ଛଦରେ ଶଙ୍ଖ ଏବଂ ଚକ୍ରର ଚିତ୍ର ହିଂସାର ସଙ୍କେତ ହୋଇ ଉଭା ହୋଇଛନ୍ତି । ଅନ୍ୟ ପକ୍ଷରେ ଶ୍ରୀ ଦେଶାଇ ଏହାର ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ, ଚକ୍ରର ପ୍ରକାଶନ ଯଦି ହିଂସା, ତେବେ ତାହା ସେମିତି ପ୍ରତ୍ୟୟ ହେବାରେ କୌଣସି ତ୍ରୁଟି ନାହିଁ । ବରଂ ଏ ପ୍ରକାର ଚିନ୍ତନ ହିଁ ନିମ୍ନ ସ୍ତରର । ବିତର୍କ ଚାଲିଛି । ପାଠକମାନେ ଜାଣନ୍ତି ଯେ ଗାନ୍ଧୀ ସ୍ଥିତିସ୍ଥାପକତାର ଘୋର ବିରୋଧୀ ଥିଲେ । ଉପରକୁ ସାଧାରଣ ଅର୍ଥରେ ବିପ୍ଳବୀ ବିପ୍ଳବୀ ଲାଗୁ ନଥିଲେ ହେଁ ସମ୍ଭବତଃ ତାଙ୍କ ସମୟରେ ଦେଶର ସେ ସବୁଠୁ ବଡ ବିପ୍ଳବୀ ଥିଲେ । ଅହିଂସା, ସତ୍ୟାଗ୍ରହ, ଗାନ୍ଧୀଙ୍କ ଦେଶପ୍ରେମ- ଏସବୁ ଭିତରେ ଆଧ୍ୟାତ୍ମିକତା ମୂଳାଧାର ଅବଶ୍ୟ ଥିଲା, କିନ୍ତୁ ଗାନ୍ଧୀ ବାସ୍ତବ ଜୀବନ ଠାରୁ ଆଦୌ ଦୂରରେ ନଥିଲେ । (ଗାନ୍ଧୀ ବଞ୍ଚିଥିଲେ ନୂଆଁ ମଲାଟ ନେଇ ସେ କ'ଣ ଭାବିଥାନ୍ତେ କେଜାଣି ?)

ଗତ ଅକ୍ଟୋବର ୨ରେ ଦେଶର ଏକ ପ୍ରମୁଖ ଖବରକାଗଜ ଗାନ୍ଧୀଙ୍କ ଉପରେ ବିଭିନ୍ନ ଅଂଚଳର ସ୍କୁଲ୍ ପିଲାଙ୍କଠୁ ସେମାନଙ୍କ ମତ ଲୋଡିଥିଲା । ମତାମତର ଅନୁଶୀଳନ ଥିଲା ଏମିତି (୧) ଗାନ୍ଧୀ ଅବିସ୍ମରଣୀୟ: ନିୟୂତ


ନିୟୁତ ଭାରତୀୟଙ୍କ ହୃଦୟରେ ମହାତ୍ମା ବଞ୍ଚି ରହିଛନ୍ତି ଏବଂ ଆଗକୁ ବି ସେମିତି ଥିବେ । (୨) ଗାନ୍ଧୀ ଏକ କାଳୋତ୍ତୀର୍ଣ୍ଣ ଅନୁପ୍ରେରଣା: ଉତ୍ତର ଆଧୁନିକ କାଳରେ ଶତଧା ବିଦୀର୍ଣ୍ଣ ଜୀବନରେ ଗାନ୍ଧୀ ତଥାପି ପ୍ରେରଣା ଏବଂ ଆଶ୍ୱାସନା ହୋଇ ରହିଛନ୍ତି । (୩) ଗାନ୍ଧୀ ସତ୍ୟଦର୍ଶୀ: ନିରନ୍ତର ସତ୍ୟର ହାତ ଧରି ଚାଲ, କାରଣ କେବଳ ସତ୍ୟ ହିଁ ସାକ୍ଷାତ୍ ଈଶ୍ୱର- ତାଙ୍କର ଏଇ ଦର୍ଶନ ଅମ୍ଳାନ ହୋଇ ରହିଛି । (୪) ଗାନ୍ଧୀ ପ୍ରତିବଦ୍ଧତା ଏବଂ ପ୍ରବଳ ଇଚ୍ଛାଶକ୍ତିର ପ୍ରତୀକ: ଗାନ୍ଧୀ ନିଜ ଜିଦ୍‌ରେ ଅଟଳ ଥିଲେ । ଲକ୍ଷ୍ୟ ପୂରଣ ନହେବା ଯାଏଁ ବିଶ୍ରାମ ନେଉନଥିଲେ । (୫) ଗାନ୍ଧୀଙ୍କ ଜୀବନ ପାଠ୍ୟ ପୁସ୍ତକ ପରି ଜୀବନ: ଏ କାମ କର, ଏମିତି କର, ଗାନ୍ଧୀ ଏକଥା କହୁ ନଥିଲେ । ସେ ଆଗ କରି ଦେଖାଇ ଦେଉଥିଲେ ଯେ ସେ ଯାହା କରୁଛନ୍ତି ବାସ୍ତବ ଜୀବନରେ ତାହା ସମ୍ଭବ । (୬) ନିରନ୍ତର ସଂଶୋଧନ: ଗାନ୍ଧୀ କେବେ କହୁ ନଥିଲେ ସେ ଯାହା କହୁଛନ୍ତି, ତାହା ଅକ୍ଷରେ ଅକ୍ଷରେ ଠିକ୍ । ବରଂ ଅନେକବାର ସେ ନିଜକୁ ସଂଶୋଧନ କରୁଥିଲେ ଏବଂ ଆପଣା ତ୍ରୁଟିକୁ ମୁକ୍ତ କଣ୍ଠରେ ସ୍ୱୀକାର କରୁଥିଲେ । (୭) ସରଳ, ଶାନ୍ତିପ୍ରିୟ ଏବଂ ନିର୍ଭୟ: ଗାନ୍ଧୀଙ୍କ ଠାରୁ ସରଳ ଆଉ କିଏ ଥିଲେ ? ନିରାଡମ୍ବର ଜୀବନ ଯାପନ କରୁଥିବା ବାପୁ ଶାନ୍ତିପ୍ରିୟ ଏବଂ ଏକଦମ୍ ନିର୍ଭୟ ଥିଲେ । (୮) ବାଟ ଠିକ୍ ହେବା ଦରକାର: ସାରା ଜୀବନ ଗାନ୍ଧୀ କହୁଥିଲେ ମହତ୍ ଲକ୍ଷ୍ୟ ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଲକ୍ଷ୍ୟ ହାସଲ ପାଇଁ ମହତ୍ ରାସ୍ତାରେ ଚାଲିବା ତା'ଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ । (୯) ଗ୍ରାମ ରାଜ୍ୟ ହିଁ ରାମରାଜ୍ୟ: ଭାରତର ହୃଦୟ କେବଳ ଏହାର ଗାଁ ମାନଙ୍କରେ ଅଛି । ଆଗ ଗାଁକୁ ଗଢିବାକୁ ପଡିବ । ଗାଁର ବିକାଶ ସମ୍ଭବ ହେଲେ ହିଁ ରାମରାଜ୍ୟ ସମ୍ଭବ ହେବ ।

ପୁଣି ଫେରିବା ମୂଳ ପ୍ରସଙ୍ଗକୁ । ଫେବୃୟାରୀ ୧୪, ୧୯୧୬ରେ ଗ୍ରାମ୍ୟ ପରିମଳ ଉପରେ ସର୍ବସାଧାରଣରେ ପ୍ରଥମ ଥର ପାଇଁ ମତ ରଖିଥିଲେ ଗାନ୍ଧୀ ମାଡ୍ରାସ୍ (ବର୍ତ୍ତମାନର ଚେନ୍ନାଇ)ଠାରେ ଅନୁଷ୍ଠିତ ହେଉଥିବା ମିଶନାରୀ ସମ୍ମିଳନୀରେ । 'ସ୍ୱଦେଶୀ' ଉପରେ ଆପଣାର ବକ୍ତବ୍ୟ ରଖି ସେ କହିଥିଲେ, ଶିକ୍ଷାଦାନ ଯଦି ମାତୃଭାଷାରେ ହେଉଥା'ନ୍ତା, ତେବେ ଶିକ୍ଷାର ଗୁଣାତ୍ମକ ମାନ ଯଥେଷ୍ଟ ବଢିଥା'ନ୍ତା ଏବଂ ଗ୍ରାମ୍ୟ ପରିମଳ ପରି ମୂଳ ସମସ୍ୟାର ସମାଧାନ କେବେଠୁ ହୋଇଥାନ୍ତା । ପରେ ମାର୍ଚ୍ଚ ୨୦, ୧୯୧୬ରେ ସେ କହିଥିଲେ ଯେ

ପରିମଳ ଉପରେ ପିଲାଙ୍କ ଶିକ୍ଷା ଗୁରୁକୁଳରୁ ହିଁ ଆରମ୍ଭ ହେବା କଥା । ଅଥଚ ତାହା ହେଉ ନାହିଁ । ତୃତୀୟ ଶ୍ରେଣୀର ଟିକଟ କାଟି ରେଳ ଯାତ୍ରା କରଥିଲେ ଗାନ୍ଧୀ ଏବଂ ସେତେବେଳେ ଏଇ ଶ୍ରେଣୀର ବଗିରେ ପରିମଳ ପାଇଁ ସର୍ବନିମ୍ନ ସୁବିଧା ନଥିଲା । ସେ ଏହାର ତୀବ୍ର ବିରୋଧ କରିଥିଲେ । ପ୍ରାୟ ପ୍ରତ୍ୟେକ କଂଗ୍ରେସ ଅଧିବେଶନରେ ଗାନ୍ଧୀ ଉଠାଉଥିଲେ ପରିମଳ ପ୍ରସଙ୍ଗ । ଅଗଷ୍ଟ ୨୫, ୧୯୨୫ରେ (କୋଲ୍‌କାତାରେ) ସ୍ପଷ୍ଟ କରିଥିଲେ ଯେ କଂଗ୍ରେସର ଜଣେ କର୍ମୀ ଗାଁକୁ ଗଲେ ହାତରେ ସେ ଝାଡୁ ଧରି ଯିବ । ଅବିକଳ ଭଲ ପରି ଖରାପର ବି ତ୍ରିରୂପ ରହିଛି-(୧) ଅପରିମଳ (୨) ଦାରିଦ୍ର୍ୟ (୩) ଆଳସ୍ୟ । ଅସଲ କର୍ମୀ ତେଣୁ ଗାଁକୁ ଝାଡୁ ଧରି ଯିବାକୁ ପଡିବ । ଔଷଧ ଧରି ଯିବାକୁ ହେବ । ବାହାର ଏବଂ ଭିତରର ଏ ସମସ୍ତ ଅପଶକ୍ତିକୁ ପ୍ରତିହତ କରିବା ପାଇଁ ପଡିବ । ତେବେ ଦୁଃଖ ହେଉଛି ଗାନ୍ଧୀଙ୍କ ନିଜ ଦେଶରେ ଏ ବାବଦରେ ଖୁବ୍ ଅଧିକ କିଛି ସମ୍ଭବ ହୋଇପାରି ନାହିଁ । ୟୁନିସେଫ୍ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ୨୦୧୨ ସୁଦ୍ଧା ଆମ ଜନ ସଂଖ୍ୟାର ଅଧେ ଖୋଲାରେ ମଳ ତ୍ୟାଗ କରୁଥିଲେ । ଧର୍ମ ନାଁରେ ଭୀଷଣ କୁତୁକୁତୁ ହେଉଥିବା ଆମ୍ଭମାନଙ୍କ ପାଇଁ ଆହୁରି ଦୁର୍ଭାଗ୍ୟଜନକ ଖବର ହେଉଛି ଯେ ଆମର ଅଧିକାଂଶ ଧର୍ମୀୟ କ୍ଷେତ୍ରମାନଙ୍କରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ । ତା'ଠୁ ନୈରାଶ୍ୟଜନକ ହେଉଛି ପରିମଳକୁ ନେଇ ଆମର ରୁଗ୍ଣ ମାନସିକତା । ପରିମଳକୁ ଠିକ୍ ଠାକ୍ ରଖିବାର ଦାୟିତ୍ୱ ନାଗରିକର ନୁହେଁ । ତାହା କୁଆଡ଼େ କେବଳ ସରକାରଙ୍କର । ଅନ୍ୟ ଅର୍ଥରେ, ପରିବେଶ/ ପରିମଳକୁ ବିପର୍ଯ୍ୟସ୍ତ କରିବା ଯେମିତି ଆମର ସାମ୍ବିଧାନିକ ଏବଂ ନୈତିକ ଅଧିକାର! ଏ ସ୍ଥିତିରେ 'ସ୍ୱଚ୍ଛ ଭାରତ ମିଶନ' ସଫଳ ହେବା ପାଇଁ ହେଲେ ପଛକୁ ଲେଉଟି ଗାନ୍ଧୀଙ୍କୁ ଚାହିଁବାକୁ ପଡିବ। ସେଥିପାଇଁ ଆପଣ 'ଗାନ୍ଧୀ କାଫେ'ରେ ମହାତ୍ମାଙ୍କ ସହିତ କପେ କଫି ଅବଶ୍ୟ ପିଇ ପାରନ୍ତି । ଆଲୋଚନା କରି ପାରନ୍ତି ।

(ସମ୍ବାଦ: ୮/୧୧/୨୦୧୪)

❑



ଗାନ୍ଧୀଙ୍କ ସହ କପେ କଫି

Events Publications.
4555 VSS Nagar,
Bhubaneswar- 751007

Non Fiction
Cover: Prakash Mohapatra

ISBN 978-908070-1-2
978-81-908070-1-2